

ନିତିଦିନ NITIDIN

NEW AGE MEDIA & PUBLICATIONS PVT. LTD.
PRINTED AT BHUBANESWAR

www.nitidin.com twitter.com/nitidintoday facebook.com/nitidintoday

ଏଲ୍‌ଏସିରୁ ସୈନ୍ୟ ହ୍ରାସ ହେବନାହିଁ: ରାଜନାଥ ୨

କୋଭିଡ୍ ସତ୍ତ୍ୱେ ବଢ଼ିଛି ରାଜସ୍ୱ ସଂଗ୍ରହ ୩

ଭାରତୀୟ ଅର୍ଥ ବ୍ୟବସ୍ଥା ଏବେ ମହାମାରୀମୁକ୍ତ: ଅର୍ଥମନ୍ତ୍ରୀ ୧୩

ଭାରତୀୟ ଦଳରେ ଯୋଗଦେଲେ ରୋହିତ ୧୬

କରୋନା ସ୍ଥିତି

ବିଶ୍ୱ
ଆକ୍ରାନ୍ତ: ୮,୨୬,୪୭,୪୮୬
ସୁସ୍ଥ: ୫,୮୫,୭୯,୬୬୨
ମୃତ: ୧୮,୦୩,୫୨୧

ଦେଶ
ଆକ୍ରାନ୍ତ: ୧,୦୨,୪୪,୮୫୨
ସୁସ୍ଥ: ୯୮,୩୪,୧୪୧
ମୃତ: ୧,୪୮,୪୩୯

RNI REG. NO. ODIODI/2015/62237 • POSTAL REGD. NO.BN/258/18-20

VOLUME 6 • ISSUE 225 • BHUBANESWAR • BERHAMPUR • SAMBALPUR • BALASORE • JAJPUR • THURSDAY • 31 DECEMBER 2020 • 16 PAGES • ₹5/- • ବର୍ଷ ୬ • ସଂଖ୍ୟା ୨୨୫ • ଭୁବନେଶ୍ୱର • ବ୍ରହ୍ମପୁର • ସମ୍ବଲପୁର • ବାଲେଶ୍ୱର • ଯାଜପୁର • ଗୁରୁବାର • ୩୧ ଡିସେମ୍ବର ୨୦୨୦ • ୧୬ ପୃଷ୍ଠା • ୫ ଟଙ୍କା

ଆସିଲା ନୂଆ ଗାଇଡ୍‌ଲାଇନ୍

ଖୋଲିବ ସିନେମାହଲ୍, ଥିଏଟର

ଭୁବନେଶ୍ୱର, ୩୦।୧୨/ଏନ୍‌ଏନ୍‌ଏସ୍:

ଜିରୋ ନାଇଟ୍ ମନା

ରାଜ୍ୟର ସିନେପ୍ରେମୀଙ୍କ ପାଇଁ ଖୁସି ଖବର। ଦୀର୍ଘ ୯ମାସ ଧରି ବନ୍ଦ ଥିବା ସିନେମା ହଲ୍ ଓ ଥିଏଟର ଖୋଲିବାକୁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି। ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଥିବାବେଳେ ରାଜ୍ୟ ସରକାର ଜାନୁଆରୀ ମାସ ପାଇଁ କୋଭିଡ୍ ଗାଇଡଲାଇନ୍ ଜାରି କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟରୁ ଜାରି ଗାଇଡ୍‌ଲାଇନ୍ ଅନୁସାରେ, କେନ୍ଦ୍ର ସରକାରଙ୍କ ଅନଲକ ଗାଇଡଲାଇନ୍ ଅନୁରୂପ କେବଳ କଣ୍ଟେନମେଣ୍ଟ ଜୋନ୍ ଭିତରେ ଲକଡାଉନ୍ ଲାଗୁହେବ। ସିନେମା ହଲ୍‌ଗୁଡ଼ିକ ୫୦ପ୍ରତିଶତ କ୍ଷମତା ସହ ଚାଲିବାକୁ ଅନୁମତି ଦିଆଯିବ। ଏହାସହିତ ଯାତ୍ରା, ଏଣ୍ଟରଟେନମେଣ୍ଟ କମ୍ପ୍ଲେକ୍ସ, ଥିଏଟର, ଅଡିଟୋରିୟମ ଆଦି ପାଇଁ ସ୍ଥାନୀୟ ପ୍ରଶାସନ ଅନୁମତି ଦେବେ। ତେବେ ଏଥିପାଇଁ କୋଭିଡ୍ ଗାଇଡଲାଇନ ପାଳନ ବାଧ୍ୟତାମୂଳକ ହେବ। ଅଙ୍ଗନବାଡ଼ିଗୁଡ଼ିକ ଜାନୁଆରୀ ୩୧ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ସ୍କୁଲ ଓ କଲେଜ ଖୋଲିବା ସମ୍ପର୍କରେ ସମ୍ପୃକ୍ତ ବିଭାଗ ନିଷ୍ପତ୍ତି ନେବେ। ଜାନୁଆରୀ ୩୧ତାରିଖ ପର୍ଯ୍ୟନ୍ତ ସାମାଜିକ, ରାଜନୈତିକ, କ୍ରୀଡ଼ା, ଧାର୍ମିକ, ଆମୋଦପ୍ରମୋଦ, ସାଂସ୍କୃତିକ, ଶିକ୍ଷା ସମ୍ବନ୍ଧୀୟ ଆଦି ସମସ୍ତ ପ୍ରକାରର ସମାବେଶରେ ସର୍ବାଧିକ ୨୦୦ଜଣ ଲୋକ ଏକଜୁଟ ହେବା ପାଇଁ ଅନୁମତି ଦିଆଯାଇଛି। ସେହିପରି ବିବାହ ଉତ୍ସବରେ ସର୍ବାଧିକ ୨୦୦ଜଣ ଓ ମୃତ୍ୟୁଜନିତ କାର୍ଯ୍ୟରେ ସର୍ବାଧିକ ୧୦୦ଜଣ ଲୋକ ସାମିଲ ହୋଇପାରିବେ। ବ୍ୟବସାୟିକ ବୈଠକରେ ସର୍ବାଧିକ ୨୦୦ଜଣ ଲୋକଙ୍କୁ ନେଇ ମିଟିଂ ହୋଇପାରିବ। ସେହିପରି ବନ୍ଦ କୋଠରୀର କ୍ଷମତାର ସର୍ବାଧିକ ୫୦ ପ୍ରତିଶତ ଓ ୨୦୦ଜଣ ଲୋକଙ୍କୁ ନେଇ ବୈଠକ ହୋଇପାରିବ। ସଭାସ୍ଥଳଗୁଡ଼ିକରେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ପାଳନ, ସାନିଟାଇଜର ବ୍ୟବସ୍ଥା କରିବା ବାଧ୍ୟତାମୂଳକ ହେବ। ସ୍ଥାନୀୟ ପ୍ରଶାସନ ସେମାନଙ୍କର ଅଞ୍ଚଳର ସ୍ଥିତିକୁ ଦେଖି ଲୋକଙ୍କ ସଂଖ୍ୟା ସର୍ବାଧିକ ୨୦୦ ସ୍ଥିର କରିପାରିବେ।

ସେହିଭଳି ସମସ୍ତ ମେଡିକାଲ କଲେଜ ଡିସେମ୍ବର ୧ରୁ ଖୋଲିଛି। କିନ୍ତୁ ସ୍କୁଲ ଓ କଲେଜ ଏବଂ ଇଞ୍ଜିନିୟରିଂ କଲେଜଗୁଡ଼ିକ ଖୋଲିବା ନିଷ୍ପତ୍ତି ସମ୍ପୃକ୍ତ ବିଭାଗମାନେ କୋଭିଡ୍ ଗାଇଡଲାଇନକୁ ପାଳନ କରି ନେବେ।

▶▶ ୭

ବିଶ୍ୱସ୍ତରୀୟ ହେବ ପାରାଦୀପ ବନ୍ଦର

- କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ
- ୩୦୦୪.୬୩ କୋଟିର ବ୍ୟୟବରାଦ
- ବାର୍ଷିକ କାରବାର ୧୭୦ ନିୟୁତ ଟନ୍‌କୁ ଅତିକ୍ରମ କରିବ
- 'ବିଶ୍ୱର ବିଜିନେସ୍ ହବ୍'କରିବାର ପ୍ରଚେଷ୍ଟା

ଭୁବନେଶ୍ୱର, ପାରାଦୀପ, ୩୦।୧୨/ଏନ୍‌ଏନ୍‌ଏସ୍:

ପାରାଦୀପ ବନ୍ଦର ହେବ ବିଶ୍ୱସ୍ତରୀୟ। କେନ୍ଦ୍ର ସରକାର ବନ୍ଦର ନବୀକରଣ ପାଇଁ ୩ ହଜାର ୪ କୋଟି ୬୩ ଲକ୍ଷ ଟଙ୍କା ଖର୍ଚ୍ଚକରିବେ। କେନ୍ଦ୍ର କ୍ୟାବିନେଟ୍‌ରେ ଏନେଇ ମୋହର ଲାଗିଛି। ଏହି ପ୍ରକଳ୍ପ ସରକାରୀ ଓ ବେସରକାରୀ ସହଭାଗିତା (ପିପିପି)ରେ ନିର୍ମାଣ କରାଯିବ। ଓଡ଼ିଶାରେ ଏହି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି।

ପାରାଦୀପ ବନ୍ଦରର 'ଆଭ୍ୟନ୍ତରୀଣ ବନ୍ଦର ସୁବିଧା' ବଢ଼ାଇବା ସମ୍ପର୍କିତ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ମଞ୍ଜୁରି ଦିଆଯାଇଛି। ପ୍ରସ୍ତାବିତ ପ୍ରକଳ୍ପର ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୮୦୦ ଲୋକ ଏବଂ ପରିଚାଳନା ପର୍ଯ୍ୟାୟରେ ୨୦୦ ଲୋକ ପ୍ରତ୍ୟକ୍ଷ ନିଯୁକ୍ତି ପାଇବେ। ଆସନ୍ତା ୫ ବର୍ଷ ମଧ୍ୟରେ ବନ୍ଦର ଜରିଆରେ ବାର୍ଷିକ କାରବାର ୧୭୦ନିୟୁତ ଟନ୍‌କୁ ଅତିକ୍ରମ କରିବ। ଏହି ପ୍ରକଳ୍ପ ମାଧ୍ୟମରେ ବନ୍ଦରର ପାରିପାର୍ଶ୍ୱିକ କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାର୍ଷିକ ୨୫ ନିୟୁତ ଟନ୍ କ୍ଷମତା ସୃଷ୍ଟିକରିବାକୁ ଯୋଜନା କରାଯାଇଛି। କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ମନସୁଖ ମଣ୍ଡଭିୟା ଗଣମାଧ୍ୟମକୁ କହିଛନ୍ତି, ପାରାଦୀପ ହେବ 'ବିଶ୍ୱର ବିଜିନେସ୍ ହବ୍'। କମ୍ ସମୟରେ ଅଧିକ ମାଲ ପରିବହନ ପାଇଁ ବଡ଼ ଜାହାଜ ନିର୍ମାଣ ଚାଲିଛି। ବଡ଼ ଜାହାଜ ଆଣିବାକୁ ଭାରତକୁ ବଡ଼ ବନ୍ଦର ଓ ଡକ୍ ଦରକାର। ପ୍ରସ୍ତାବିତ ଓ୍ୱେଷ୍ଟର୍ଣ୍ଣ ଡକ୍ ନିର୍ମାଣ ନିଷ୍ପତ୍ତି ଫଳରେ ଆଗାମୀ ଦିନରେ ପାରାଦୀପ ବନ୍ଦରକୁ ବଡ଼ବଡ଼ ଜାହାଜ ସହଜରେ ଆସିପାରିବ। ବନ୍ଦରରେ ଏହି ବିକାଶର କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ବଡ଼ ଜାହାଜରୁ କୋଇଲା ସହଜରେ ଅନଲୋଡ୍ ହୋଇପାରିବ। କେନ୍ଦ୍ର ସରକାରଙ୍କ ପୂର୍ବୋଦୟ ପରିକଳ୍ପନା ଅର୍ନ୍ତଗତ ଏହି ପ୍ରକଳ୍ପ ଲାଗି ଆନୁମାନିକ ୩,୦୦୪.୬୩ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ନୂଆ ଓ୍ୱେଷ୍ଟର୍ଣ୍ଣ ଡକ୍ ବିକାଶ ଲାଗି ବି.ଓ.ଟି ଆଧାରରେ ରିହାତି ପାଇବାକୁ ଥିବା ସଂସ୍ଥା ୨୦୪୦ କୋଟି ଟଙ୍କା ଏବଂ ଖନନ ଲାଗି ୩୫୨.୧୩ କୋଟି ଟଙ୍କା ପୁଞ୍ଜିନିବେଶ କରିବ। ଆନୁଷଙ୍ଗିକ ଭିତ୍ତିଭୂମି ସହାୟତା ବାବଦକୁ ବନ୍ଦର ୬୧୨.୫୦କୋଟି ଟଙ୍କା ପୁଞ୍ଜି ଖଟାଇବ। ପ୍ରସ୍ତାବିତ ପ୍ରକଳ୍ପ ଲାଗି ବି.ଓ.ଟି. ଆଧାରରେ ରିହାତି ପାଇବାକୁ ଥିବା ସଂସ୍ଥା ବାର୍ଷିକ ୨୫ ମେଟ୍ରିକ ଟନ୍ ପଣ୍ୟ କାରବାର କ୍ଷମତା ସମ୍ପନ୍ନ ଓ୍ୱେଷ୍ଟର୍ଣ୍ଣ ଡକ୍‌ର ପୋତାଶ୍ରୟ ଦୁଇଟି ପର୍ଯ୍ୟାୟରେ ବିକଶିତ କରିବ। ପ୍ରତି ପର୍ଯ୍ୟାୟରେ ୧୨.୫୦ ନିୟୁତ ମେଟ୍ରିକ୍ ଟନ୍ କ୍ଷମତାର ନିର୍ମାଣ କରାଯିବ। ୩୦ ବର୍ଷ ଯାଏଁ ସଂସ୍ଥାକୁ ରିହାତି ଅବଧି ମିଳିବ। ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କୋଇଲା ଓ ଚୂନପଥର ଆମଦାନୀରେ ଏହା ବିଶେଷ ସହାୟକ ହେବ। ଇସ୍ପାତ ଉତ୍ପାଦ ରପ୍ତାନୀରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବନ୍ଦରରେ ହେଉଥିବା ଜାହାଜଗୁଡିକର ଭିଡ଼ ଯଥେଷ୍ଟ ହ୍ରାସପାଇବ। ସମୁଦ୍ରରେ ମାଲ ପରିବହନ ମୂଲ୍ୟ ହ୍ରାସହେବା ସହ ବନ୍ଦରରେ ଶିଳ୍ପ ଅର୍ଥନୀତିକୁ ବୃଦ୍ଧି କରିବାରେ ସହାୟକ ହେବ। ଅଧିକ ରୋଜଗାର ସୃଷ୍ଟିହୋଇପାରିବ ବୋଲି ମନ୍ତ୍ରୀ ମଣ୍ଡଭିୟା ସୂଚନା ଦେଇଛନ୍ତି।

ଅଷ୍ଟମ ବୃହତ୍ ବନ୍ଦରର ମାନ୍ୟତା

ଭୁବନେଶ୍ୱର: ମହାନଦୀ ମୁହାଣରେ ଥିବା ପାରାଦୀପ ବନ୍ଦରକୁ ପରିକଳ୍ପନା କରିଥିଲେ ତତ୍‌କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ। ଏହାକୁ ୩ ଜାନୁଆରୀ ୧୯୬୨ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଶୁଭ ଦେଇଥିଲେ। ଦେଶର ଅଷ୍ଟମ ବୃହତ ବନ୍ଦର ଭାବେ ଭାରତ ସରକାର ୧୮ ଏପ୍ରିଲ ୧୯୬୬ରେ ମାନ୍ୟତା ଦେଇଥିଲେ। ଏବେ ବନ୍ଦରରେ ୧୬ଟି ବର୍ଥ ରହିଛି। ଏହି ବନ୍ଦର ଦେଇ ରାଜ୍ୟରୁ ମୂଲ୍ୟବାନ ଖଣିଜ ସାମଗ୍ରୀ ବାହାର ରାଜ୍ୟ ତଥା ଦେଶକୁ ଯାଉଛି। ଏଥିଯୋଗୁଁ ପର୍ଯ୍ୟାପ୍ତ ରାଜସ୍ୱ ମିଳିପାରୁଛି। ଏବେ ବିଶ୍ୱସ୍ତରୀୟ ହେଲେ ଓଡ଼ିଶା ବେଶୀ ଲାଭବାନ ହେବ।

ଐତିହାସିକ ନିଷ୍ପତ୍ତି

ଭୁବନେଶ୍ୱର: ପୂର୍ବୋଦୟ ବିକାଶ ମିଶନରେ ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶାକୁ ପ୍ରାଥମିକତା ଦେଉଛନ୍ତି। ଏହି ପ୍ରକଳ୍ପ ପୂର୍ବୋଦୟ ଓ ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେବ। ସେଥିପାଇଁ ମୋଦୀଜୀ ପାରାଦୀପକୁ ବିଶ୍ୱସ୍ତରୀୟ କରିବା ପାଇଁ ଐତିହାସିକ ନିଷ୍ପତ୍ତି ନେଇଛନ୍ତି ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାହାଜ ଚଳାଚଳ ମନ୍ତ୍ରୀ ମନସୁଖ ମଣ୍ଡଭିୟା ଏଥିପାଇଁ ଧନ୍ୟବାଦାର୍ହ। ରାଜ୍ୟ ସଭାପତି ସମୀର ମହାନ୍ତି ମଧ୍ୟ ଉଭୟଙ୍କୁ ଧନ୍ୟବାଦ ଦେଇଛନ୍ତି।

ବଢ଼ିଲା ଆୟକର ରିଟର୍ଣ୍ଣ ଦାଖଲ ତାରିଖ

ନୂଆଦିଲ୍ଲୀ,୩୦।୧୨/ଏଜେନ୍ସି:

ଆୟକର ବିଭାଗ ଆୟକର ଦାଖଲର ସମୟସୀମାକୁ ପୁଣିଥରେ ବଢ଼ାଇ ଦେଇଛି। ବ୍ୟକ୍ତିଗତ କରଦାତାମାନେ ଏବେ ୧୦ ଜାନୁଆରୀ ୨୦୨୧ ତାରିଖ ଯାଏ ରିଟର୍ଣ୍ଣ ଦାଖଲ କରିପାରିବେ। ସରକାରୀ ସୂତ୍ରରୁ ପ୍ରକାଶ ଯେ ମହାମାରୀ ଯୋଗୁଁ ସରକାର ବିଭିନ୍ନ ଅନୁପାଳନର ସମୟସୀମାକୁ ବଢ଼ାଇଛନ୍ତି। ଯେଉଁମାନଙ୍କର ଅଡିଟ୍ ରିପୋର୍ଟ ଆସିନାହିଁ ଅବା ଯେଉଁ ବ୍ୟବସାୟ ପ୍ରତିଷ୍ଠାନମାନଙ୍କ ରିଟର୍ଣ୍ଣ ଦାଖଲ କରିବାର ଅନ୍ତିମ ତାରିଖ ୩୧ ଜାନୁଆରୀ ଥିଲା, ଏଣିକି ସେମାନେ ୧୫ ଫେବୃଆରୀ ୨୦୨୧ ପର୍ଯ୍ୟନ୍ତ ନିଜ ନିଜର ଆୟକର ବିବରଣୀ ଦାଖଲ କରିପାରିବେ। ଏହି ଦୁଇପର୍ଯ୍ୟାୟର କରଦାତାଙ୍କ ବ୍ୟତୀତ ଅନ୍ୟ ସମସ୍ତ ପ୍ରକାରର କରଦାତାଙ୍କ ନିମନ୍ତେ ଯେଉଁମାନଙ୍କର ରିଟର୍ଣ୍ଣ ଦାଖଲ କରିବାର ଅନ୍ତିମ ତାରିଖ ୩୧ ଡିସେମ୍ବର ଥିଲା ସେମାନେ ୧୦ ଜାନୁଆରୀ ଯାଏ ନିଜର ରିଟର୍ଣ୍ଣ ଦାଖଲ କରିପାରିବେ।

ବ୍ୟକ୍ତିଗତ କରଦାତାଙ୍କ ପାଇଁ ଜାନୁଆରୀ ୧୦

ଇନ୍ଦ୍ରଧନୁ ଆଙ୍କି ଚାଲିଗଲେ

'ମୟୂରୀ ଗୋ...'ର ସ୍ରଷ୍ଟା

ଭୁବନେଶ୍ୱର, ୩୦।୧୨/ଏନ୍‌ଏନ୍‌ଏସ୍ :

ସଙ୍ଗୀତଜ୍ଞ ଶାନ୍ତନୁ ମହାପାତ୍ର

ବିଶିଷ୍ଟ ସଂଗୀତଜ୍ଞ ଶାନ୍ତନୁ ମହାପାତ୍ରଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ନିମୋନିଆ ଓ କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ସେ ଗତ କିଛିଦିନ ତଳେ କେୟାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସତ୍ୟନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

ନଭେମ୍ବର ୧୯୩୬ରେ ବାରିପଦାରେ ଜନ୍ମଗ୍ରହଣ କରିଥିଲେ ଶାନ୍ତନୁ। ପିତା ଥିଲେ ରମେଶଚନ୍ଦ୍ର ମହାପାତ୍ର, ମାତା ସୌଦାମିନୀ। ପିଲାଟିଦିନରୁ ସଂଗୀତ ପ୍ରତି ତାଙ୍କର ଭୀଷଣ ଦୁର୍ବଳତା ଥିଲା। ବାରିପଦାର ଲୋକ ସଂଗୀତ ଝୁମର୍‌ର ପ୍ରଭାବ ପଡ଼ିଥିଲା ତାଙ୍କ ଉପରେ। ଏଥିରେ ତାଙ୍କୁ ସାହାଯ୍ୟ କରିଥିଲେ ତତ୍କାଳୀନ ବିଶିଷ୍ଟ ଗାୟକ ଏବଂ ସଂଗୀତଜ୍ଞ ରାଧାକୃଷ୍ଣ ଭଞ୍ଜ। ରାଧାକୃଷ୍ଣ ଭଞ୍ଜଙ୍କ ଦ୍ୱାରା ସେ ଖୁବ୍ ପ୍ରଭାବିତ ହୋଇଥିଲେ। କାରଣ ରାଧାକୃଷ୍ଣ ସେହି ସମୟରେ ଆକାଶବାଣୀର ଲୋକପ୍ରିୟ ଗାୟକ ଥିଲେ। ଶାନ୍ତନୁ ତାଙ୍କ ପ୍ରତି ଆକୃଷ୍ଟ ହୋଇ ସଂଗୀତ ପ୍ରତି ନିଜକୁ ସମର୍ପିତ କରିଥିଲେ। ସେହିପରି ସମସାମୟିକ ସଂଗୀତଜ୍ଞ ଗୁରୁକୃଷ୍ଣ ଗୋସ୍ୱାମୀ, ଜୀବନାନନ୍ଦ ପାଣି, ସରୋଜ ପଟ୍ଟନାୟକଙ୍କର ସହଯୋଗ ମିଳିଥିଲା ଶାନ୍ତନୁଙ୍କୁ, ଯାହା ପରବର୍ତ୍ତୀ କାଳରେ ତାଙ୍କୁ ଖୁବ୍ ସାହାଯ୍ୟ କରିଥିଲା 'ସୂର୍ଯ୍ୟମୁଖୀ' କଥାଚିତ୍ରର ସଂଗୀତ ନିର୍ଦ୍ଦେଶନା ଦେବାରେ। 'ସୂର୍ଯ୍ୟମୁଖୀ'ରେ ସେ ପ୍ରଥମ ଥର ପାଇଁ କୋକିଳକଣ୍ଠୀ ଲତା ମଙ୍ଗେସକରଙ୍କୁ ଗାୟିକା ହିସାବରେ ନେଇଥିଲେ। ଏହି ଲୋକପ୍ରିୟ ଗୀତଟି ଥିଲା 'ସେଇ ଚୁନା ଚୁନା ତାରାଫୁଲେ ସାଜି...'। ଏହା ପରେ ଶାନ୍ତନୁ ପୁଣି ଲତାଙ୍କୁ ସୁଯୋଗ ଦେଇଥିଲେ 'ଅରୁନ୍ଧତୀ' ଚଳଚ୍ଚିତ୍ରରେ।

▶▶ ୭

୩୪ ଆଇଏଏସ୍‌ଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୩୦।୧୨/ଏନ୍‌ଏନ୍‌ଏସ୍:

ସଞ୍ଜୀବ ଚୋପ୍ରା ଅତିରିକ୍ତ ମୁଖ୍ୟ ସଚିବ

ରାଜ୍ୟ ସରକାର ବୁଧବାର ୩୪ଜଣ ଆଇଏଏସଙ୍କୁ ପଦୋନ୍ନତି ଦେଇଛନ୍ତି। ଆପେକ୍ସ ସ୍କେଲ, ପ୍ରିନ୍ସିପାଲ ସେକ୍ରେଟେରୀ, ସୁପର ଟାଇମ୍ ସ୍କେଲ୍ , ସିଲେକ୍ସନ ଗ୍ରେଡ୍ , ଜୁନିୟର ଆଡମିନିଷ୍ଟ୍ରେସନ୍ ଗ୍ରେଡ୍ ଓ ସିନିୟର ଟାଇମ୍ ସ୍କେଲ ପାହ୍ୟାରେ ଥିବା ଆଇଏଏସ ଅଫିସରମାନଙ୍କୁ ପଦୋନ୍ନତି ମିଳିଛି। ତେବେ ପଦୋନ୍ନତି ପାଇଥିବା ସମସ୍ତ ଅଫିସରଙ୍କୁ ନିଜ ନିଜ ସ୍ଥାନରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେତେକ ପଦବୀକୁ ମଧ୍ୟ ଅପଗ୍ରେଡ୍ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି।

ଗୃହ ବିଭାଗ ପ୍ରମୁଖ ସଚିବ ତଥା ୧୯୯୦ ବ୍ୟାଚ ଆଇଏଏସ୍ ସଞ୍ଜୀବ ଚୋପ୍ରାଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ଭାବେ ପଦୋନ୍ନତି ମିଳିଛି। ସେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟକରିବେ। ସେହିପରି ୧୯୯୬ ବ୍ୟାଚର ୩ଜଣ ଆଇଏଏସ ଶାଶ୍ୱତ ମିଶ୍ର, ବୀରବିକ୍ରମ ଯାଦବ ଓ ବିଶାଳ ଦେବଙ୍କୁ ପ୍ରମୁଖ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି। ସୁପରଟାଇମ୍ ସ୍କେଲ୍‌କୁ ୨୦୦୫ ବ୍ୟାଚର ୮ଜଣ ଆଇଏଏସଙ୍କୁ ପଦୋନ୍ନତି ମିଳିଛି। ସେମାନେ ହେଲେ ଆଇଏଏସ୍ ଆର. ଭିନିଲ କ୍ରିଷ୍ଣା, ରତ୍ନାକର ରାଉତ, ଦାଶରଥୀ ଶତପଥୀ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଅଞ୍ଜନ କୁମାର ମାଣିକ, ବୃନ୍ଦାବନ ବେହେରା, ସୁରେଶ ଚନ୍ଦ୍ର ଦଳାଇ ଓ ଦେବେନ୍ଦ୍ର କୁମାର ଜେନା। ସେହିପରି ସିଲେକ୍ସନ୍ ଗ୍ରେଡ୍ ପାହ୍ୟାକୁ ୨୦୦୮ ବ୍ୟାଚର ୧୨ଜଣ ଆଇଏଏସ ପଦୋନ୍ନତି ପାଇଛନ୍ତି। ସେମାନେ ହେଲେ ଭୂପିନ୍ଦର ସିଂ ପୁନିଆ, ଯାମିନୀ ଷଡ଼ଙ୍ଗୀ, ଏମ.ମୁଥୁକୁମାର, ବି.ପରମେଶ୍ୱରନ, ଗୁହା ପୁନମ ତାପସ କୁମାର, ମାଗୁଣି ଚରଣ ପାତ୍ର, ବୃନ୍ଦାବନ ବେହେରା, ଧନଞ୍ଜୟ ହେମ୍ବ୍ରମ, ଗଙ୍ଗାଧର ପାତ୍ର, ପବିତ୍ର ମଣ୍ଡଳ, ସୁନୀଲ କୁମାର ନାୟକ ଓ ବଟକୃଷ୍ଣ ଦେହୁରୀ। ସେହିପରି ସିନିୟର ଟାଇମ୍ ସ୍କେଲକୁ ୨୦୧୭ ବ୍ୟାଚର ୪ଜଣ ଆଇଏଏସ ପଦୋନ୍ନତି ପାଇଛନ୍ତି। ସେମାନେ ହେଲେ ପି. ଅନ୍ୱେଷ ରେଡ୍ଡୀ, ପାଟିଲ ଆଶୀଷ ଈଶ୍ୱର, ଦିବାକର ଟିଏସ୍ ଓ ହେମକାନ୍ତ ସଏ ।

ଆଜିଠୁ ୩ରୁ ୪ ଡିଗ୍ରୀ ଖସିବ ପାରଦ

ଭୁବନେଶ୍ୱର,୩୦।୧୨/ଏନ୍‌ଏନ୍‌ଏସ୍:

ସାରା ରାଜ୍ୟରେ ଆଜିଠୁ ଥଣ୍ଡାର ପରିମାଣ ବୃଦ୍ଧିପାଇବ। ଆଭ୍ୟନ୍ତରୀଣ ଓଡ଼ିଶାରେ ୩ରୁ ୪ ଡିଗ୍ରୀ ହ୍ରାସ ପାଇବା ସହ ଉପକୂଳ ଜିଲ୍ଲାଗୁଡ଼ିକରେ ୨ରୁ ୩ ଡିଗ୍ରୀ ପାରଦ ଖସିବ। ଏନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଥିବାବେଳେ ଗୁରୁବାରରୁ ଶୀତର ପରିମାଣ ବୃଦ୍ଧିପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷେ ବୁଧବାର ସମଗ୍ର ରାଜ୍ୟରେ ତାପମାତ୍ରା ସାମାନ୍ୟ ବୃଦ୍ଧିପାଇଛି। ସମସ୍ତ ସହରରେ ସର୍ବନିମ୍ନ ତାପମାତ୍ରା ହ୍ରସ ପାଇଥିବାବେଳେ ୭.୫ ଡିଗ୍ରୀ ତାପମାତ୍ରା ସହ ଫୁଲବାଣୀ ବୁଧବାର ମଧ୍ୟ ରାଜ୍ୟର ସବୁଠୁ ଥଣ୍ଡା ସହର ହୋଇଛି। ସେହିପରି ଦାରିଙ୍ଗବାଡ଼ିରେ ତାପମାତ୍ରା ୯ ଡିଗ୍ରୀ ରହିବା ସହ ଦ୍ୱିତୀୟ ଥଣ୍ଡା ସହର ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟରୁ ପ୍ରକାଶ ପାଇଛି। ଏହାବ୍ୟତୀତ ଅନ୍ୟ ସମସ୍ତ ସହରରେ ତାପମାତ୍ରା ୧୦ ଡିଗ୍ରୀ ଅଥବା ତା'ଠୁ ଊର୍ଦ୍ଧ୍ୱରେ ରହିଛି। ଗୁରୁବାର ସକାଳୁ ରାଜ୍ୟର ୧୦ ଜିଲ୍ଲାରେ କୁହୁଡ଼ି ଦେଖାଦେବ ବୋଲି ପାଣିପାଗ ବିଭାଗ ଦ୍ୱାରା ଜାରି କରାଯାଇଥିବା ବିବୃତ୍ତିରୁ ପ୍ରକାଶ ପାଇଛି।

ବରିଷ୍ଠ ପୁଲିସ ଅଧିକାରୀ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଶିଶୁ ଓ ମହିଳା ବିରୋଧୀ ଅପରାଧର ତଦନ୍ତ କରିବ 'ସ୍ୱତନ୍ତ୍ର ୱିଙ୍ଗ୍'

ଭୁବନେଶ୍ୱର, ୩୦।୧୨/ଏନ୍‌ଏନ୍‌ଏସ୍:

Opening of
6 NEW POLICE STATIONS
in Odisha

ଶିଶୁ ଓ ମହିଳା ବିରୋଧରେ ଅପରାଧର ତଦନ୍ତ କରିବ ସ୍ୱତନ୍ତ୍ର ୱିଙ୍ଗ୍। ବରିଷ୍ଠ ପୁଲିସ ଅଧିକାରୀଙ୍କ ସମ୍ମିଳନୀରେ ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ କହିଛନ୍ତି, ଲୋକେ ଥାନାକୁ ଆସି ସେମାନଙ୍କ ଅଭିଯୋଗ ଜଣାଇପାରିବେ। ସେମାନଙ୍କ ସହ ଯେଭଳି ସଠିକ୍ ବ୍ୟବହାର କରାଯିବ ସେନେଇ 'ମୋ ସରକାର' ଲାଗୁ କରାଯାଇଛି। ଏହାର ସୁଫଳ ବି ମିଳିଛି। ବିଶେଷକରି କରୋନା ମହାମାରୀ ସମୟରେ ପୁଲିସ ବିଭାଗ ଭଲ କାର୍ଯ୍ୟ କରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।

ନବୀନ ନିବାସରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ କରୋନା ମୁକାବିଲାରେ ନିଜ ପ୍ରାଣବଳି ଦେଇଥିବା ପୁଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ, ମାଓବାଦୀଙ୍କୁ ଦମନ କ୍ଷେତ୍ରରେ ପୁଲିସ ବିଭାଗ ଉଲ୍ଲେଖନୀୟ କାର୍ଯ୍ୟକରିଛି। ମାଓ ବିରୋଧୀ ମୁକାବିଲାରେ ୨ପୁଲିସଙ୍କର ପ୍ରାଣହାନୀ ଘଟିଛି। ସରକାର ସେମାନଙ୍କ ପରିବାରର ଭରଣପୋଷଣ ଦାୟିତ୍ୱ ନେଇଛନ୍ତି। ରାଜ୍ୟ ପୁଲିସ ବିଭାଗ ଦ୍ୱାରା ତାହା ବହନ କରାଯିବ। କରୋନାରୁ ସୁସ୍ଥ ହୋଇ ୯୩୦ ପୁଲିସ କର୍ମଚାରୀ ପ୍ଲାଜ୍‌ମା ଦାନ କରିଥିଲେ। ସେମାନେ ଦୁଃଖ ସମୟରେ ଆଗକୁ ଆସି ଏହି ପଦକ୍ଷେପ ନେଇଥିବାରୁ ମୁଁ ସେମାନଙ୍କୁ ସାଧୁବାଦ

▶▶ ୭

୬ ନୂଆ ଥାନା ଉଦ୍‌ଘାଟିତ

ଭୁବନେଶ୍ୱର: ରାଜ୍ୟର ୬ ନୂଆ ପୁଲିସ ଥାନାକୁ ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେହି ନୂତନ ଥାନାଗୁଡ଼ିକ ହେଉଛି ଅନୁଗୁଳ ଜିଲ୍ଲାର ଅନୁଗୁଳ ସଦର ଥାନା, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲାର ଭରତପୁର ଥାନା, ଝାରସୁଗୁଡ଼ା ଜିଲ୍ଲାର ସଦର ଥାନା, ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠା ଥାନା ଏବଂ ଭଦ୍ରକ ଜିଲ୍ଲାର ସବରଙ୍ଗ ଥାନା ଓ ପୀରହାଟ ଥାନା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୯୦୫ ନୂଆ ପଦବୀ ସୃଷ୍ଟି କରାଯିବ ବୋଲି ଘୋଷଣା କରିଥିଲେ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ଡିଏଲ୍‌ଆର୍‌ଙ୍କ ଘରୁ ମିଳିଲା ନଗଦ ୧୧ଲକ୍ଷ

ବ୍ରହ୍ମପୁର,୩୦।୧୨/ଏନ୍‌ଏନ୍‌ଏସ୍:

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ଫସିଛନ୍ତି ଜଣେ ଡିଏଲଆର ଟାଇପିଷ୍ଟ ପ୍ରଶାନ୍ତ ନାୟକ। ବ୍ରହ୍ମପୁର ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ସେ ଟାଇପିଷ୍ଟ ଭାବେ ଅସ୍ଥାୟୀ ନିଯୁକ୍ତି ପାଇଛନ୍ତି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଟିମ୍ ବୁଧବାର ପ୍ରଶାନ୍ତଙ୍କ ଆସିକା ରୋଡ୍, ଗେଟ୍‌ବଜାର ବାସଭବନ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛି। ପ୍ରଶାନ୍ତଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୧ କୋଟି ୫୭ ଲକ୍ଷ ୬୮ ହଜାର ୪୨୮ ଟଙ୍କା ଆକଳନ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ଅନିଲ କୁମାର ପାତ୍ର ସୂଚନା ଦେଇଛନ୍ତି । ଚଢ଼ଉ ବେଳେ ଆସିକା ରୋଡ୍ ଗେଟ୍‌ବଜାରରେ ପ୍ରଶାନ୍ତ ଓ ତାଙ୍କ

▶▶ ୭

ଜେଲ୍‌ଗଲେ କୋଟିପତି ଲାବରେଟୋରୀ ଆସିଷ୍ଟାଣ୍ଟ୍

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବ୍ରହ୍ମପୁର ଭିଜିଲାନ୍ସ ଲାବରେଟୋରୀ ଆସିଷ୍ଟାଣ୍ଟ କୈଳାଶଚନ୍ଦ୍ର ମହାନ୍ତିଙ୍କୁ ଗିରଫ କରିଛି। ଭିଜିଲାନ୍ସ କୈଳାଶଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ତାଙ୍କ ନାମରେ ୧ କୋଟି ୧ଲକ୍ଷ ୫୦ ହଜାର ୫୧୨ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ରହିଥିବା ନେଇ ଭିଜିଲାନ୍ସ ବିଭାଗ ଆକଳନ କରିଥିଲା। ମଙ୍ଗଳବାର ବ୍ରହ୍ମପୁର

▶▶ ୭